# NATIONAL NEWS BULLETIN (ODIA)
## 22nd February - 2026
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ଦେଶର କୃତ୍ରିମ ବୁଦ୍ଧିମତ୍ତା ସମ୍ପର୍କିତ କ୍ଷମତା ବିଷୟରେ ସମଗ୍ର ବିଶ୍ୱ ଅବଗତ ହୋଇପାରିଛି; କହିଲେ ପ୍ରଧାନମନ୍ତ୍ରୀ ।

— ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ର ଚାଷୀ ହିରୋଦ ପଟେଲ୍‌ଙ୍କୁ କଲେ ପ୍ରଶଂସା ।

- ଭାରତ କୃତ୍ରିମ ବୁଦ୍ଧିମତ୍ତା ସମ୍ମିଳନୀ ଘୋଷଣାନାମାକୁ ଅନ୍ତର୍ଜାତୀୟ ସଙ୍ଗଠନ ସମେତ ଅଶୀନବେଟି ରାଷ୍ଟ୍ରର ସମର୍ଥନ ।

- ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ନିର୍ବାଚନ ଅଧିକାରୀଙ୍କ ଜାତୀୟ ସମ୍ମିଳନୀ ନୂଆଦିଲ୍ଲୀରେ ଆସନ୍ତା ମଙ୍ଗଳବାର ଦିନ ହେବ ଅନୁଷ୍ଠିତ ।

- ଜମ୍ମୁ-କାଶ୍ମୀରର କିସ୍ତିୱାରାଠାରେ ସୁରକ୍ଷା ବାହିନୀ ସହ ସଂଘର୍ଷରେ ୨ ଆତଙ୍କବାଦୀ ନିହତ ।

ଏବଂ

- ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ ପ୍ରତିଯୋଗିତାରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ସୁପର ଏଇଟ୍ ପର୍ଯ୍ୟାୟ ମ୍ୟାଚ୍ ଜାରି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଭାରତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀରେ ଦେଶର ଏ.ଆଇ. ସମ୍ପର୍କିତ କ୍ଷମତା ବିଷୟରେ ସମଗ୍ର ବିଶ୍ୱ ଅବଗତ ହୋଇପାରିଛି । ଭାରତ ଆରମ୍ଭ କରିଥିବା ମେକ୍ ଇନ୍ ଇଣ୍ଡିଆ ଏ.ଆଇ. ମଡେଲ ସମ୍ପର୍କରେ ସମସ୍ତେ ଅବଗତ ହୋଇପାରିଛନ୍ତି ବୋଲି ଆକାଶବାଣୀର ମନ୍‌କୀ ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ଭାବ ବିନିମୟ କରି ଶ୍ରୀ ମୋଦି ଏହା କହିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ଚାଷୀ ଏବେ ଉତ୍ପାଦନ ସହିତ ଗୁଣବତ୍ତା, ମୂଲ୍ୟ ଶୃଙ୍ଖଳ ଏବଂ ନୂତନ ବଜାର ଉପରେ ଧ୍ୟାନ ଦେଉଛନ୍ତି। ଓଡ଼ିଶାର ସୁନ୍ଦରଗଡ଼ର ହିରୋଦ ପଟେଲଙ୍କ ଚାଷ କାର୍ଯ୍ୟ ଉପରେ ଆଲୋକପାତ କରି ସେ କହିଛନ୍ତି, ଜମିର ଉଚିତ ବ୍ୟବହାର, ଜଳସଞ୍ଚୟ ଏବଂ ଅତିରିକ୍ତ ଆୟ ସମ୍ଭାବନାକୁ ସେ ସାକାର କରିପାରିଛନ୍ତି। ଶ୍ରୀ ପଟେଲ

ତାଙ୍କ ଫାର୍ମର ପୋଖରୀ ଉପରେ ଏକ ଶକ୍ତ ଜାଲି ତିଆରି କରି ସେଥିରେ ଲତା, ପନିପରିବା ଚାଷ କରିଛନ୍ତି। ପୋଖରୀର ଚାରି ପାଖରେ କଦଳୀ, ଗୁଆ ଏବଂ ନଡ଼ିଆଗଛ ଲଗାଇବା ସହ ପୋଖରୀରେ ମାଛ ଚାଷ କରୁଛନ୍ତି।

***Viice (PM -Odia)*** :.......

ଶ୍ରୀ ମୋଦୀ କେରଳ ତଥା ଦେଶର ଅନ୍ୟାନ୍ୟ କେତେକ ପ୍ରାନ୍ତରେ କୃଷି ଉତ୍ପାଦ ଉପରେ ଆଲୋକପାତ କରିଛନ୍ତି। ଏହି ଉତ୍ପାଦ ଏବେ ଆକାଶପଥରେ ସହଜରେ ବିଦେଶରେ ପହଁଞ୍ଚିପାରୁଛି। ଶ୍ରୀ ମୋଦୀ’ କୃଷି ଉତ୍ପାଦ ଗୁଡ଼ିକର ସ୍ୱାଦ, ଗୁଣବତ୍ତା ଏବଂ ଜି.ଆଇ. ଟ୍ୟାଗ୍ ଉପରେ ଆଲୋକପାତ କରିଛନ୍ତି।

ଡିଜିଟାଲ ଠକେଇ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ଏଥିପାଇଁ ସଚେତନତାର ଆବଶ୍ୟକତା ରହିଛି। କେ.ଓ୍ୱାଇ.ସି. କିମ୍ବା ପୁନଃ କେ.ଓ୍ୱାଇ.ସି. କେବଳ ବ୍ୟାଙ୍କ ଶାଖା, ସରକାରୀ ଆପ୍ ଏବଂ ନିର୍ଦ୍ଧାରିତ ମାଧ୍ୟମରେ ବ୍ୟବହାର କରାଯିବା ଉପରେ ଶ୍ରୀ ମୋଦୀ ଗୁରୁତ୍ୱ ପ୍ରଦାନ କରିଛନ୍ତି।

ଶ୍ରୀ ମୋଦୀ ଅଙ୍ଗଦାନ ସମ୍ପର୍କରେ ଆଲୋକପାତ କରି ଆବଶ୍ୟକ କରୁଥିବା ଲୋକଙ୍କୁ ସାହାଯ୍ୟ କରିବା ସହିତ ଚିକିତ୍ସା ଗବେଷଣା କ୍ଷେତ୍ରକୁ ଅଧିକ ସଶକ୍ତ କରିବାକୁ ଦେଶବାସୀଙ୍କୁ ପରାମର୍ଶ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ଆସନ୍ତାକାଲି ରାଷ୍ଟ୍ରପତି ଭବନରେ ରାଜାଜୀ ଉତ୍ସବ ପାଳନ ହେବାକୁ ଯାଉଛି। ଏହି ଅବସରରେ ରାଷ୍ଟ୍ରପତି ଭବନର କେନ୍ଦ୍ରୀୟ ପ୍ରାଙ୍ଗଣରେ ସି.ରାଜଗୋପାଳଚାରୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହେବ।

ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଏହି ସମାରୋହ ଜାରି ରହିବା ସହ ଏକ ପ୍ରଦର୍ଶନୀ ମଧ୍ୟ ଅନୁଷ୍ଠିତ ହେବ ବୋଲି ଶ୍ରୀ ମୋଦୀ ସୂଚନା ପ୍ରଦାନ କରିଛନ୍ତି।

ଛାତ୍ରଛାତ୍ରୀଙ୍କୁ ଚାପଗ୍ରସ୍ତ ନ ହୋଇ ଆନ୍ତରିକତା ଓ ମାନସିକ ଦୃଢ଼ତାର ସହ ପରୀକ୍ଷା ଦେବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ଦେଶକୁ ଆତ୍ମନିର୍ଭରଶୀଳ ଭାବେ ଗଢ଼ି ତୋଳିବା ଲାଗି ସ୍ୱଦେଶୀ ସାମଗ୍ରୀ କ୍ରୟ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ସେ ଭୋକାଲ ଫର୍ ଲୋକାଲ୍ ମନ୍ତ୍ରକୁ ଆପଣେଇବା ଲାଗି ଦୋହରାଇଛନ୍ତି ।

***Viice (PM -Vocal for Local)*** :.......

ପ୍ରଧାନମନ୍ତ୍ରୀ ପବିତ୍ର ରମ୍‌ଜାନ ମାସ ଓ ଆଗାମୀ ହୋଲିପର୍ବ ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଇଣ୍ଡିଆ - ଏ.ଆଇ. ସମ୍ମିଟ୍ ଡିକ୍ଲାରେସନ୍

ଭାରତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ-୨୦୨୬ରେ ଗୃହୀତ ନୂଆଦିଲ୍ଲୀ ଘୋଷଣାନାମାକୁ ଅନ୍ତର୍ଜାତୀୟ ସଂଗଠନ ଏବଂ ଅଣାନବେଟି ରାଷ୍ଟ୍ର ସମର୍ଥନ କରିଛନ୍ତି । ଅର୍ଥନୈତିକ ଅଭିବୃଦ୍ଧି ଏବଂ ସାମାଜିକ ବିକାଶ ତ୍ୱରାନ୍ୱିତ ଦିଗରେ ବିଶ୍ୱ ସ୍ତରରେ ସର୍ବସମ୍ମତିକ୍ରମେ ଏହା ଆଦୃତ ହୋଇପାରିଛି । ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଅଷ୍ଟ୍ରେଲିଆ, ଫ୍ରାନ୍‌ସ, ଜର୍ମାନୀ, ସ୍ୱିଜରଲାଣ୍ଡ, ବ୍ରାଜିଲ୍,

ସଂଯୁକ୍ତ ଆରବ ଏମିରେଟ୍ସ୍, କାନାଡ଼ା, ଇସ୍ରାଏଲ୍, ବ୍ରିଟେନ୍, ଚୀନ୍, ଜାପାନ, ଆମେରିକା, ରୁଷ୍, ସାଉଦି ଆରବ, ସିଙ୍ଗାପୁର ଏବଂ ବାଂଲାଦେଶ ରହିଛନ୍ତି । ନୂଆଦିଲ୍ଲୀରେ ଗତ ଶୁକ୍ରବାର ଶେଷ ହୋଇଥିବା ଏହି ସମ୍ମିଳନୀରେ ବିଶ୍ୱର ବିଭିନ୍ନ ଭାଗରୁ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ । ସମ୍ମିଳନୀରେ 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ବାର୍ତ୍ତା ନେଇ ମାନବ ସମାଜ ମଧ୍ୟରେ ସମାନତା ଏବଂ କୃତ୍ରିମ ବୁଦ୍ଧିମତ୍ତାର ପ୍ରଭାବଦ୍ୱାରା ସମସ୍ତେ ଉପକୃତ ହେବା ସମ୍ପର୍କରେ ଘୋଷଣାନାମା ପ୍ରକାଶ ପାଇଥିଲା ।

## ଏ.ଆଇ. ସମ୍ମିସ୍ - ରିଆକ୍ସନ୍

ନୂଆଦିଲ୍ଲୀରେ ଶେଷ ହୋଇଥିବା ଭାରତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ ଓ ପ୍ରଦର୍ଶନୀରେ ନୀତି ନିର୍ଦ୍ଧାରକ, ଶିଳ୍ପପତି, ନବସୃଜନକାରୀ ଏବଂ ଷ୍ଟାର୍ଟଅପ୍‌ମାନେ ଏ.ଆଇ. ସମ୍ପର୍କିତ ସମସ୍ୟାର ସମାଧାନ ଏବଂ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହା ପରସ୍ପର ମଧ୍ୟରେ ମତ ବିନିମୟ କରିବା ଲାଗି ଏକ ପ୍ରକୃଷ୍ଟ ମଞ୍ଚ ହୋଇପାରିଥିଲା । ଏଥିରେ ୫ ଶହରୁ ଊର୍ଦ୍ଧ୍ୱ ଏ.ଆଇ. ନେତା, ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଷ୍ଠାତା ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ୧୫୦ ଶିକ୍ଷାବିତ୍ ଓ ଗବେଷକ ଏବଂ ପ୍ରାୟ ୪ ଶହ ମୁଖ୍ୟ ବୈଷୟିକ ଅଧିକାରୀ ଯୋଗ ଦେଇଥିଲେ । ଏହି ସମ୍ମିଳନୀ ଓ ପ୍ରଦର୍ଶନୀ

ପାଇଁ ଜନସାଧାରଣଙ୍କ ପକ୍ଷରୁ ଅତ୍ୟନ୍ତ ଆଗ୍ରହ ଓ ଉତ୍ସାହ ପରିଲକ୍ଷିତ ହୋଇଥିଲା । ୫ ଲକ୍ଷରୁ ଊର୍ଦ୍ଧ୍ୱ ଦର୍ଶକ ପ୍ରଦର୍ଶନୀ ପରିଦର୍ଶନ କରିଥିଲେ ।

ଆକଶବାଣୀ ସମ୍ବାଦ ବିଭାଗକୁ ସୂଚନା ଦେଇ ପଞ୍ଚାୟତିରାଜ ମନ୍ତ୍ରଣାଳୟର ପରାମର୍ଶଦାତା ସୋନାକ୍ଷୀ ବର୍ଷନେ କହିଛନ୍ତି, ଏ.ଆଇ. କ୍ଷେତ୍ରରେ ଅଂଶୀଦାର ଏବଂ ନବସୃଜନକାରୀମାନଙ୍କୁ ଏକତ୍ର କରିବାରେ ଭାରତ କୃତ୍ରିମ ବୁଦ୍ଧିମତ୍ତା ସମ୍ମିଳନୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା । ପ୍ରଦର୍ଶନୀରେ ଏ.ଆଇ. ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ପ୍ରଦର୍ଶନ କରିବା ଲାଗି ଏହି ସମ୍ମିଳନୀ ନୂତନ ସୁଯୋଗ ସୃଷ୍ଟି କରିଥିବା ସେ କହିଛନ୍ତି ।

## ମୁମ୍ବାଇ - ଜିତେନ୍ଦ୍ର - ଏ.ଆଇ.

କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଛନ୍ତି, କୃତ୍ରିମ ବୁଦ୍ଧିମତ୍ତାର ସଠିକ୍ ଉପଯୋଗ ଭାରତର କୃଷିକ୍ଷେତ୍ରରେ ସହାୟକ ହେବ । ଏହା ଦେଶର ଆର୍ଥିକ ସ୍ଥିତିରେ ୭୦ ହଜାର କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ଦିଗରେ ସାହାଯ୍ୟ କରିବ ବୋଲି ଶ୍ରୀ ସିଂହ କହିଛନ୍ତି । ମୁମ୍ବାଇଠାରେ ଅନୁଷ୍ଠିତ ଏ.ଆଇ.-ଫୋର୍ କୃଷି-୨୦୨୬ ସମ୍ମିଳନୀର ଉଦ୍‌ଘାଟନ ଅଧିବେଶନରେ ଯୋଗଦେଇ ଶ୍ରୀ ସିଂହ କହିଛନ୍ତି, ପ୍ରାୟ ୬୦ କୋଟି ଲୋକ କୃଷିକ୍ଷେତ୍ରରେ ନିର୍ଭରଶୀଳ ଥିବାବେଳେ ଜଳବାୟୁ ପରିବର୍ତ୍ତନ, ପରିବେଶ

ଅବକ୍ଷୟ, ସ୍ୱାସ୍ଥ୍ୟ ସମସ୍ୟା ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି । ସେ କହିଛନ୍ତି, ଏ.ଆଇ. କୃଷକମାନଙ୍କୁ ସାହାଯ୍ୟ କରିବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ସେମାନଙ୍କୁ ସ୍ୱଳ୍ପ ସମୟରେ ଅଧିକ ଉତ୍ପାଦନପାଇଁ ସୁଯୋଗ ପ୍ରଦାନ କରିବ । ସେହିପରି ପାଣିପାଗ ସୂଚନା, ପ୍ରକୃତିକ ବିପର୍ଯ୍ୟୟ ପାଇଁ ପ୍ରସ୍ତୁତି, ଶସ୍ୟ ଆକଳନ, ସତର୍କତାମୂଳକ ସୂଚନା ଆଦି ସମ୍ପର୍କିତ ତଥ୍ୟ କୃଷକମାନଙ୍କୁ ଏ.ଆଇ. ଯୋଗାଇଦେବ । କୃତ୍ରିମ ବୁଦ୍ଧିମତ୍ତା ସମ୍ପର୍କିତ କୃଷିକ୍ଷେତ୍ରରେ ଭାରତକୁ ବିଶ୍ୱଶ୍ରେଣୀୟ ନେତା ଭାବେ ଗଢ଼ିତୋଳିବା ଲାଗି ଅଂଶୀଦାରମାନେ ମିଳିତ ଭାବେ କାର୍ଯ୍ୟ କରିବା ଲାଗି ଶ୍ରୀ ସିଂହ ଆହ୍ୱାନ ଦେଇଛନ୍ତି । କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବୀଶ, କୃଷିମନ୍ତ୍ରୀ ଦତ୍ତାତ୍ରେୟ ଭରାନେ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏହି ଦୁଇଦିନିଆ ସମ୍ମିଳନୀରେ କୃଷିକ୍ଷେତ୍ରରେ ଏ.ଆଇ.ର ଭବିଷ୍ୟତ ସମ୍ପର୍କିତ ଅର୍ଥପୂର୍ଣ୍ଣ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି ।

## ଇ.ସି.ଆଇ. ନ୍ୟାସନାଲଂ କନ୍‌ଫରେନ୍ସ

ନୂଆଦିଲ୍ଲୀରେ ଆସନ୍ତା ମଙ୍ଗଳବାର ଦିନ ଭାରତୀୟ ନିର୍ବାଚନ କମିଶନ ଏବଂ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ନିର୍ବାଚନ ଅଧିକାରୀଙ୍କ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହେବ। କମିଶନଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା

ଅନୁଯାୟୀ, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଅଧ୍ୟକ୍ଷତାରେ ଏହି ସମ୍ମିଳନୀରେ ଆୟୋଜିତ ହେବ। ନିର୍ବାଚନ ପ୍ରକ୍ରିୟା ଏବଂ ଏହାର ପରିଚାଳନା ସମ୍ପର୍କରେ ପ୍ରସ୍ତୁତି ତଥା ସ୍ୱଚ୍ଛ ଓ ଅବାଧ ନିର୍ବାଚନର କାର୍ଯ୍ୟକାରିତାକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟରେ ଏହି ସମ୍ମିଳନୀରେ ଆୟୋଜନ କରାଯାଉଛି। ଏହି ଦିନିକିଆ ସମ୍ମିଳନୀ ଅବସରରେ ନିର୍ବାଚନ ପ୍ରକ୍ରିୟାରେ ପ୍ରଯୁକ୍ତିବିଦ୍ୟାର ଉପଯୋଗ, ଇଭିଏମ୍ ଏବଂ ଭୋଟର ତାଲିକା ପ୍ରସ୍ତୁତି ଉପରେ ମତବିନିମୟ ହେବାର ଆଶା କରାଯାଉଛି।

## ଜେ.କେ. - ଟେରରିଷ୍ଟ

ଜମ୍ମୁ-କାଶ୍ମୀରର କିସ୍ତୱାରା ଜିଲ୍ଲା ଅନ୍ତର୍ଗତ ଉପାନ୍ତ ଅଞ୍ଚଳ 'ଅପରେସନ୍ ତ୍ରାସି-ୱାନ୍' ଅଧୀନରେ ସୁରକ୍ଷା ବାହିନୀ ଯବାନମାନଙ୍କ ସହ ସଂଘର୍ଷରେ ୨ ଜଣ ସନ୍ତ୍ରାସବାଦୀ ନିହତ ହୋଇଛନ୍ତି । ସୁରକ୍ଷା ବାହିନୀକୁ ଗୁଇନ୍ଦା ସଂସ୍ଥା ପକ୍ଷରୁ ଚାତ୍ରୁର ପାସର୍‌କୁଟ୍ ଅଞ୍ଚଳରେ ସନ୍ତ୍ରାସବାଦୀମାନେ ରହିଥିବା ସୂଚନା ମିଳିବା ପରେ ଆଜି ସକାଳେ ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳିଗୋଳା ବିନିମୟ ହୋଇଥିଲା । ପାକିସ୍ତାନର ଜୈସ-ଇ-ମହମ୍ମଦ ଗୋଷ୍ଠୀର ଏହି ସନ୍ତ୍ରାସବାଦୀମାନେ ରହିଥିବା ଜଣାପଡ଼ିଛି । ସେନା ଯବାନ, ଜମ୍ମୁ-କାଶ୍ମୀର ପୁଲିସ୍ ଏବଂ କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ପକ୍ଷରୁ ମିଳିତ ତଲାସୀ ଅଭିଯାନ

ହୋଇଥିଲା । ସନ୍ତ୍ରାସବାଦୀମାନଙ୍କଠାରୁ ୨ଟି ଏ.କେ.-୪୭ ରାଇଫଲ୍ ସମେତ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି । ସମ୍ପୃକ୍ତ ଅଞ୍ଚଳକୁ ସେନା ଯବାନଙ୍କ ପକ୍ଷରୁ ଘେରାଓ କରି ରଖାଯାଇଛି ।

## ପୁଣେ - ଦିଲ୍ଲୀ ସ୍ପିକର୍

ସମଗ୍ର ଦେଶରେ ରାଜ୍ୟ ବିଧାୟକମାନଙ୍କ କାର୍ଯ୍ୟଦକ୍ଷତାରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ନିମନ୍ତେ ଦିଲ୍ଲୀ ବିଧାନସଭା ବାଚସ୍ପତି ବିଜେନ୍ଦର ଗୁପ୍ତା' 'ଜାତୀୟ ବିଧାୟକ ସୂଚୀ'ପାଇଁ ପ୍ରସ୍ତାବ ଦେଇଛନ୍ତି । ସେ କହିଛନ୍ତି, ଏହି ସୂଚୀ ଜନସାଧାରଣଙ୍କ ନିକଟରେ ଉତ୍ତରଦାୟିତ୍ୱ ପ୍ରତିପାଦିତ କରିବ ଏବଂ ଏଥିରୁ ସୁଫଳ ମିଳିବ । ପୁଣେଠାରେ ଏମ୍.ଆଇ.ଟି. ୱାର୍ଲଡ ପିସ୍ ୟୁନିଭରସିଟି ଏବଂ ଏମ୍.ଆଇ.ଟି. ସ୍କୁଲ୍ ଅଫ୍ ଗଭର୍ଣ୍ଣମେଣ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଭାରତୀୟ ଛାତ୍ର ସଂସଦର ପଞ୍ଚଦଶ ସଂସ୍କରଣର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଶ୍ରୀ ଗୁପ୍ତ ଏହା କହିଛନ୍ତି । କାର୍ଯ୍ୟକ୍ରମରେ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟସଭା ସାଂସଦ ଦିଗ୍‌ବିଜୟ ସିଂହ ଏବଂ ହମ୍‌ବର୍ଗ, ଜର୍ମାନୀ, ୱାଲ୍‌ଟର ଲିଲ୍ ଫିଲୋର ଜଳବାୟୁ ପରିବର୍ତ୍ତନ ପରିଚାଳନା ବିଶେଷଜ୍ଞମାନେ ଅଂଶଗ୍ରହଣ କରିଥିଲେ ।

# ୟୁକ୍ରେନ୍ ବ୍ଲାଷ୍ଟ

ୟୁକ୍ରେନ୍‌ର ଲିଭ୍‌ଠାରେ ଗତକାଲି ମଧ୍ୟରାତ୍ରିରେ ବିସ୍ଫୋରଣ ଘଟି ଜଣେ ପୁଲିସ୍ ଅଧିକାରୀଙ୍କ ମୃତ୍ୟୁ ହେବା ସହ ୨୪ ଜଣ ଆହତ ହୋଇଛନ୍ତି । ପୁଲିସ୍ ପକ୍ଷରୁ କୁହାଯାଇଛି, ପୁଲିସ୍‌ର ପାଟ୍ରୋଲିଂବେଳେ ପ୍ରଥମ ବିସ୍ଫୋରଣ ହୋଇଥିବାବେଳେ ଏହା ପରେ ପରେ ଅନ୍ୟ ଏକ ବିସ୍ଫୋରଣ ହୋଇଥିଲା । ଲିଭ୍‌ର ମେୟର୍ ଆଣ୍ଡ୍ରି ସାଡ଼ୋଭି’ ଏହା ଆତଙ୍କବାଦୀର କାର୍ଯ୍ୟକଳାପ ବୋଲି କହିଛନ୍ତି ।

# ୱିମେନ୍ ଏସିଆ କପ୍

ଭାରତୀୟ ମହିଳା-ଏ’ କ୍ରିକେଟ୍ ଦଳ ମହିଳା ଏସିଆ କପ୍ ରାଇଜିଂ ଷ୍ଟାର୍ସ-୨୦୨୬ ଟାଇଟଲ୍ ହାସଲ କରିଛି । ଥାଇଲାଣ୍ଡର ବ୍ୟାଙ୍ଗ୍‌କକ୍‌ଠାରେ ଅନୁଷ୍ଠିତ ମ୍ୟାଚରେ ଭାରତୀୟ ଦଳ ବାଂଲାଦେଶ-ଏ’ ଦଳକୁ ୪୬ ରନ୍‌ରେ ପରାସ୍ତ କରି ଏହି ବିଜୟ ହାସଲ କରିଛି । ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୭ ୱିକେଟ୍ ହରାଇ ୧୩୫ ରନ୍ ସଂଗ୍ରହ କରିଥିଲା । ଏହାର ଜବାବ୍‌ରେ ବାଂଲାଦେଶ ୧୯ ଓଭର ଗୋଟିଏ ବଲ୍‌ରେ ସମସ୍ତ ୱିକେଟ୍ ହରାଇ ମାତ୍ର ୮୮ ରନ୍ ସଂଗ୍ରହ କରିବାକୁ ସମର୍ଥ

ହୋଇଥିଲା । ଭାରତ ପକ୍ଷରୁ ପ୍ରେମା ରାୱତ୍ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ । ଭାରତର ତେଜାଲ୍ ହସବ୍‌ନିସ୍ ଅପରାଜିତ ୫୧ ରନ୍ ସଂଗ୍ରହ କରିଥିଲେ । ତାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

## କ୍ରିକେଟ୍ - ଟ-୨୦

ଆଇ.ସି.ସି. ଟି-ଟ୍ୱେଣ୍ଟି କ୍ରିକେଟ ବିଶ୍ୱକପ୍ ୨୦୨୬ ରେ, ଆଜି ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ସୁପର ଏଇଟ୍ ମ୍ୟାଚ୍ ଜାରି ରହିଛି । ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରୁଛି । ସମ୍ବାଦ ପ୍ରସ୍ତୁତ ହେବାବେଳକୁ ଦକ୍ଷିଣ ଆଫ୍ରିକା ୨ ଓଭରରେ ଗୋଟିଏ ୱିକେଟ୍ ହରାଇ ୧୦ ରନ୍ ସଂଗ୍ରହ କରିଛି ।

ସୁପର ଏଇଟ୍ ଦ୍ୱିତୀୟ ଗ୍ରୁପ ମ୍ୟାଚ୍‌ରେ ଶ୍ରୀଲଙ୍କାର କାଲେକେଲେ ଅନ୍ତର୍ଜାତୀୟ ଷ୍ଟାଡିୟମଠାରେ ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଇଂଲଣ୍ଡ ଦଳ ୫୧ ରନ୍‌ରେ ବିଜୟୀ ହୋଇଛି । ଇଂଲଣ୍ଡ ଦଳ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କାପାଇଁ ୧୪୭ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା । ଇଂଲଣ୍ଡ ନିର୍ଦ୍ଧାରିତ ୨୦ ଓଭର୍‌ରେ ୯ ୱିକେଟ୍ ବିନିମୟରେ ୧୪୬ ରନ୍ ସଂଗ୍ରହ କରିଥିବାବେଳେ ଏହାର ଜବାବରେ ଶ୍ରୀଲଙ୍କା ଦଳ ୧୬ ଓଭର ୪ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ମାତ୍ର ୯୫ ରନ୍ ସଂଗ୍ରହ କରିଥିଲା ।

ମୁମ୍ବାଇର ଓ୍ୱାଙ୍ଖେଡ଼ ଷ୍ଟାଡିୟମ୍‌ଠାରେ ଆସନ୍ତାକାଲି ରାତି ୭ଟାରେ ୱେଷ୍ଟଇଣ୍ଡିଜ୍ ଓ ଜିମ୍ବାୱେ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

*****